# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**26 February – 2025**

## News Editor – Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ବିଭିନ୍ନ ଶୈବପୀଠରେ ଭକ୍ତି ଓ ଶ୍ରଦ୍ଧାର ସହ ପାଳନ କରାଯାଉଛି ମହାଶିବରାତ୍ରୀ; ଦ୍ୱୀପ ଜାଳି ଜାଗର କରୁଛନ୍ତି ଶ୍ରଦ୍ଧାଳୁ
- ଭଦ୍ରକର ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତିକରଣ ପାଇଁ ୧୦ କୋଟି ଟଙ୍କା ଅନୁଦାନ ଘୋଷଣା କଲେ ରାଜ୍ୟ ସରକାର
- ପ୍ରୟାଗରାଜର ମହାକୁମ୍ଭ ମେଳାର ଆଜି ଶେଷ ଦିନରେ ଭାରତୀୟ ବାୟୁସେନାର ଏୟାର ସୋ'

ଏବଂ

- ମାଲକାନଗିରିରେ ଆସନ୍ତା ଶୁକ୍ରବାରଠାରୁ ଆରମ୍ଭ ହେବ ସୁଭଦ୍ରା ଶକ୍ତିମେଳା

*BBSR/R*

# ମହାଶିବରାତ୍ରୀ

ରାଜ୍ୟର ବିଭିନ୍ନ ଶୈବପୀଠରେ ଆଜି ସକାଳୁ ଦେବଦେବ ମହାଦେବଙ୍କ ମହାଶିବରାତ୍ରୀ ଉପଲକ୍ଷେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଫାଲଗୁନ ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥିରେ ମହାଶିବରାତ୍ରୀ ପାଳନ କରାଯାଏ ଏବଂ ଭକ୍ତମାନଙ୍କ ପାଇଁ ଏହାର ଅତ୍ୟନ୍ତ ମହତ୍ତ୍ୱ ରହିଛି । ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କଟକର ଧବଳେଶ୍ୱର , ଭଦ୍ରକର ଅଖଣ୍ଡଳମଣି, ଢେଙ୍କାନାଳର କପିଳାଶ, ନୟାଗଡ଼ର ଲଡ୍ଡୁ ବାବା ଓ ପୁରୀର ଲୋକନାଥ ମନ୍ଦିର ସମେତ ରାଜ୍ୟର ପ୍ରମୁଖ ଶୈବପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଭିଡ଼କୁ ନିୟନ୍ତ୍ରଣ କରିବା ଏବଂ ସୁରୁଖୁରୁରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ଏହି ମନ୍ଦିରଗୁଡ଼ିକରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରରେ ରାତି ୧୦ଟାରେ ମହାଦୀପ ଉଠିବ ବୋଲି ମନ୍ଦିର ନିଯୋଗ ପକ୍ଷରୁ ସୂଚନା ଦିଆଯାଇଛି । ଶୈବପୀଠଗୁଡ଼ିକରେ ମଧ୍ୟରାତ୍ରି ପରଠାରୁ ସ୍ୱତନ୍ତ୍ର ନୀତିକାନ୍ତି ଆରମ୍ଭ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଶ୍ରୀଲୋକନାଥ ମନ୍ଦିରରେ ଭୋର୍ ୩ଟା, ଭଦ୍ରକର ବାବା ଆଖଣ୍ଡଳମଣି ମନ୍ଦିରରେ ଭୋର୍ ସାଢ଼େ ୪ଟା, କଟକ ଧବଳେଶ୍ୱର ମନ୍ଦିରରେ ରାତି ୧୦ଟା, ଢେଙ୍କାନାଳ

କପିଳାସ ମନ୍ଦିରରେ ଭୋର୍ ୪ଟା ୨୦ରେ ମହାଦୀପ ଉଠିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

ମହାଶିବରାତ୍ରୀ ପାଇଁ କଟକ ସହରର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଗଡ଼ଗଡ଼େଶ୍ୱର, ଅମରେଶ୍ୱର, ନୀଳକଣ୍ଠେଶ୍ୱର ଏବଂ ପାରେଶ୍ୱର ମନ୍ଦିର ସମେତ ଅନ୍ୟ ପୀଠଗୁଡ଼ିକରେ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟବସ୍ଥା କରାଯାଇଛି।

***Sonepur/N.angpur/ M.giri/Balngir/G.jam/. K.put/ DHNKL/Deogarh/Gajapati/Boudh/Nayagada/Rayagda/***

## ମହାଶିବରାତ୍ରୀ- ଜିଲ୍ଲା

ସୁବର୍ଣ୍ଣପୁର ଜିଲ୍ଲାରେ ଥିବା ବିଭିନ୍ନ ଶୈବପୀଠରେ ମହାଶିବରାତ୍ରୀ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହେଉଛି। ସେହିଭଳି ନବରଙ୍ଗପୁର ଜିଲ୍ଲାର ପାପଡ଼ାହାଣ୍ଡିର ନୀଳକଣ୍ଠେଶ୍ୱର, ତେନ୍ତୁଳିଖୁଣ୍ଟିର ଘୁମରେଶ୍ୱର ଆଦି ପୀଠରେ ଭକ୍ତଙ୍କ ପ୍ରବଳ ସମାଗମ ହୋଇଛି। ରାତିରେ ହରିହର ଭେଟ ସହ ମହାଦୀପ ଉଠିବ। ମାଲକାନଗିରି ଜିଲ୍ଲାର ବିଭିନ୍ନ ଶୈବପୀଠରେ ଭକ୍ତମାନେ ଧାଡ଼ିରେ ଠିଆ ହୋଇ ଦର୍ଶନ କରୁଛନ୍ତି। ରାତିରେ ଜାଗର ଉତ୍ସବ ସହ ନିର୍ଦ୍ଧାରିତ ମୁହୂର୍ତ୍ତରେ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି।

ବଲାଙ୍ଗୀର ଜିଲ୍ଲାର ଶୈବପୀଠ ହରିଶଙ୍କରଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଗଞ୍ଜାମ, କୋରାପୁଟ, ଢେଙ୍କାନାଳ ଜିଲ୍ଲାର ମନ୍ଦିରଗୁଡ଼ିକରେ ଭକ୍ତଙ୍କ ପ୍ରବଳ ସମାଗମ ପରିଲକ୍ଷିତ ହୋଇଛି।

ଦେବଗଡ଼ ଜିଲ୍ଲାର ପ୍ରସିଦ୍ଧ ଶୈବାଳୟ ଝାଡ଼େଶ୍ୱର, ବାବାଚମ୍ପକେଶ୍ୱର, ବାବାସିଦ୍ଧେଶ୍ୱର ଆଦି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ଗଜପତି ଜିଲ୍ଲାର ଶୈବପୀଠ ମହେନ୍ଦ୍ରଗିରି ସମେତ ପାରଳାଖେମୁଣ୍ଡି ଓ ଆଖପାଖ ଅଞ୍ଚଳରେ ଶୈବପୀଠଗୁଡ଼ିକରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମନ୍ଦିରଗୁଡ଼ିକରେ ରାତି ୧୦ଟାରେ ମହାଦୀପ ଉଠିବ ବୋଲି ସୂଚନା ମିଳିଛି।

ନୟାଗଡ଼ର ଲଡୁବାବାଙ୍କ ପୀଠରେ ଜାଗର ଯାତ୍ରା ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଏଥିଲାଗି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଆଜି ରାତି ୧୨ଟାରେ ମହାଦ୍ୱୀପ ଉଠିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି। ସେହିଭଳି ରାୟଗଡ଼ାର ବିଭିନ୍ନ ଶୈବପୀଠରେ ସ୍ୱତନ୍ତ୍ର ନୀତିକାନ୍ତି ସହ ପୂଜାର୍ଚ୍ଚନା ହୋଇଛି। ବୌଦ୍ଧ ଜିଲ୍ଲାର ହରିହର ପୀଠ, ବାବା ମାତଙ୍ଗେଶ୍ୱର, ବାବା ଚନ୍ଦ୍ରଚୂଡ଼ଙ୍କ ପୀଠରେ ମହାଶିବରାତ୍ରୀ ପାଳିତ ହେଉଛି। ଆଜି ମଧ୍ୟରାତ୍ରୀରେ ମହାଦ୍ୱୀପ ଉଠିବାର କାର୍ଯ୍ୟକ୍ରମ ରହିଛି।

***BHK***

## ଉପମୁଖ୍ୟମନ୍ତ୍ରୀ– ଆଖଣ୍ଡଳମଣିଙ୍କ ଦର୍ଶନ

ଭଦ୍ରକସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ୧୦ କୋଟି ଟଙ୍କା ଘୋଷଣା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ସକାଳେ ଆଖମଣ୍ଡଳମଣିଙ୍କ ଦର୍ଶନ କରିବା ଅବସରରେ ଏହି ଘୋଷଣା କରିଛନ୍ତି। ପରିକ୍ରମା ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ ରୂପ ଓ ଉନ୍ନତିମୂଳକ

କାର୍ଯ୍ୟ ପାଇଁ ଅର୍ଥରାଶି ବିନିଯୋଗ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ।

**- V/O -**

ପବିତ୍ର ଜାଗର ଅବସରରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମଧ୍ୟ ଆଖଣ୍ଡଳମଣିଙ୍କ ଦର୍ଶନ କରିଛନ୍ତି ।

***GNR***

## କୁମ୍ଭମେଳା

ଉତ୍ତରପ୍ରଦେଶର ପ୍ରୟାଗରାଜ ମହାକୁମ୍ଭମେଳା ଆଜି ଉଦ୍‌ଯାପିତ ହୋଇଛି । ମହାଶିବରାତ୍ରି ପାଳନ ଅବସରରେ ଆଜି ଶ୍ରଦ୍ଧାଳୁମାନେ ଅନ୍ତିମ ଅମୃତ ସ୍ନାନ କରିଛନ୍ତି । ଗତମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭମେଳାରେ ଆଜି ସୁଦ୍ଧା *୬୬* କୋଟିରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି ।

ମହାକୁମ୍ଭ-୨୦୨୫ର ଅନ୍ତିମ ଦିନରେ ଭାରତୀୟ ବାୟୁସେନା ପକ୍ଷରୁ ପ୍ରୟାଗରାଜଠାରେ ଏୟାର ସୋ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

***Desk***

## ପ୍ରସାରଭାରତୀ-ଚେୟାରମ୍ୟାନ୍

ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ ସେହଗଲ କହିଛନ୍ତି, ଦେଶର ସଂସ୍କୃତିର ପ୍ରସାରରେ ଲୋକସେବା ପ୍ରସାରଣକାରୀ ଆକାଶବାଣୀର ପ୍ରମୁଖ ଭୂମିକା ରହିଛି । ମହାକୁମ୍ଭର ଅନ୍ତିମ ଦିନରେ ଏକ ବାର୍ତ୍ତା ଦେଇ ଶ୍ରୀ

ସେହଗଲ କହିଛନ୍ତି, ଦୀର୍ଘ ଦିନ ଧରି ଚାଲିଥିବା ମହାକୁମ୍ଭରେ ଆକାଶବାଣୀର **କୁମ୍ଭବାଣୀ** ଚ୍ୟାନେଲ୍ ଅନେକ ଶ୍ରୋତାଙ୍କ ପାଖରେ ପହଞ୍ଚିପାରିଛି । ପ୍ରୟାଗରାଜରେ ହେଉଥିବା ମହାକୁମ୍ଭର ପ୍ରତ୍ୟେକଟି ଖବର ଶ୍ରଦ୍ଧାଳୁଙ୍କ ପାଖରେ କୁମ୍ଭବାଣୀ ମାଧ୍ୟମରେ ପହଞ୍ଚିଛି । ମହାକୁମ୍ଭ ବିବିଧତା ମଧ୍ୟରେ ଏକତା ଆଣିବାରେ ସହାୟକ ହୋଇଥିବା ବେଳେ **କୁମ୍ଭବାଣୀ** ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ପ୍ରୟାଗରାଜକୁ ଆସୁଥିବା ତୀର୍ଥଯାତ୍ରୀ, ବିଭିନ୍ନ ଆଖଡ଼ାର ସାଧୁ ସନ୍ନ୍ୟାସୀଙ୍କୁ ଯୋଡ଼ିବାରେ ପ୍ରମୁଖ ଭୂମିକା ନିର୍ବାହ କରିଛି ବୋଲି ଶ୍ରୀ ସେହଗଲ କହିଛନ୍ତି ।

***PIB***

## ପତ୍ରସୂଚନା ଟିମ୍- ଗଣମାଧ୍ୟମ ପ୍ରତିନିଧି

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ରସୂଚନା କାର୍ଯ୍ୟାଳୟ– ପିଆଇବି ଭୁବନେଶ୍ୱର ପକ୍ଷରୁ ଓଡ଼ିଶାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଏକ ଟିମ୍ ପ୍ରୟାଗରାଜ ମହାକୁମ୍ଭ ପରିଦର୍ଶନ କରିଛନ୍ତି । ଗଣମାଧ୍ୟମ ପ୍ରତିନିଧିମାନେ ଦିବ୍ୟ ଓ ଭବ୍ୟ ମହାକୁମ୍ଭ କ୍ଷେତ୍ର ବୁଲି ଦେଖିବା ସହିତ ସେଠାକାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶର ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଛନ୍ତି । ବିଶେଷ କରି ମହାକୁମ୍ଭ ଭଳି ବିଶ୍ୱର ସର୍ବବୃହତ ଧାର୍ମିକ କାର୍ଯ୍ୟକ୍ରମ ଆୟୋଜନରେ ଉତ୍ତରପ୍ରଦେଶ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଇଥିବା ବ୍ୟାପକ ବ୍ୟବସ୍ଥାକୁ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନେ ନିରୀକ୍ଷଣ କରିଛନ୍ତି । ପିଆଇବି ଭୁବନେଶ୍ୱରର ଗଣମାଧ୍ୟମ ଓ ସଂଚାର ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦଙ୍କ ତତ୍ତ୍ୱାବଧାନରେ ଗଣମାଧ୍ୟମ

ପ୍ରତିନିଧିମାନେ ମହାକୁମ୍ଭ ପରିସରରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ତରଫରୁ ଆୟୋଜିତ କଳାଗ୍ରାମ ବୁଲି ଦେଖିଛନ୍ତି। ଏହି ପ୍ରତିନିଧିମାନେ ମହାକୁମ୍ଭ ପରିଦର୍ଶନ କରିବା ସହିତ ଗଙ୍ଗ, ଯମୁନା ଓ ପୁରାଣ ବର୍ଣ୍ଣିତ ସରସ୍ୱତୀ ନଦୀର ସଙ୍ଗମ ସ୍ଥଳରେ ବୁଡ଼ ପକାଇଛନ୍ତି।

***Desk***

## ସି.ବି.ଏସ୍.ଇ. - ମାଟ୍ରିକ୍ ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ- ସି.ବି.ଏସ୍.ଇ ଦ୍ୱାରା ପରିଚାଳିତ ଦଶମଶ୍ରେଣୀ ବୋର୍ଡ ପରୀକ୍ଷା ଏଣିକି ବର୍ଷକୁ ୨ ଥର କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ୨୦୨୬ ଶିକ୍ଷାବର୍ଷରୁ ଏହାକୁ କାର୍ଯ୍ୟକାରୀ କରାଯିବ । ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରଥମ ପର୍ଯ୍ୟାୟ ଫେବୃଆରୀ ଓ ମାର୍ଚ୍ଚ ମାସ ମଧ୍ୟରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ମଇ ମାସରେ କରାଯିବାକୁ ସ୍ଥିର ହୋଇଛି ।

***Malkangiri***

## ସୁଭଦ୍ରା ଶକ୍ତିମେଳା

ମାଲକାନଗିରି ଡିଏନ୍‌କେ ଖେଳପଡ଼ିଆଠାରେ ପ୍ରଥମଥର ପାଇଁ ଆସନ୍ତା ୨୮ରୁ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ସୁଭଦ୍ର ଶକ୍ତିମେଳା ଅନୁଷ୍ଠିତ ହେବ। ଏଥିରେ ୧୫୦ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଯୋଗଦେବେ। ୭ ଦିନିଆ ପ୍ରଦର୍ଶନୀରେ ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ସହିତ ଜୈବିକ ଉତ୍ପାଦମାନ ପ୍ରଦର୍ଶିତ ହେବ। ଏହାବ୍ୟତୀତ ବିଭିନ୍ନ ବିଭାଗର ଷ୍ଟଲ ମଧ୍ୟ

ଦେଖିବାକୁ ମିଳିବ । ସମାରୋହରେ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି ।

ସୁଭଦ୍ରା ଶକ୍ତି ମେଳା ମହିଳାମାନଙ୍କ ଆୟବୃଦ୍ଧି କରିବା ସହ ଆର୍ଥିକ ଓ ସାମାଜିକ ସ୍ୱାଧୀନତା ଏବଂ ମହିଳା ସଶକ୍ତୀକରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷପତି ଦିଦି ସୃଷ୍ଟି କରିବା ଆଦି ଲକ୍ଷ୍ୟ ରହିଛି ।

***Desk***

## ଡାକ୍ତର ନିଯୁକ୍ତି

ରାଜ୍ୟ ସରକାର କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ୨୪ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି । ସେମାନଙ୍କୁ ଡାକ୍ତରଖାନାର ବିଭିନ୍ନ ବିଭାଗରେ ସହକାରୀ ପ୍ରଫେସର ଭାବେ ଡେପୁଟେସନ୍ ଓ ଚୁକ୍ତିଭିତ୍ତିରେ  ନିଯୁକ୍ତି ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରେ ତିନିଜଣ ନିଶ୍ଚେତକ ଡାକ୍ତର, ଶିଶୁରୋଗ ବିଭାଗରେ ୭ ଜଣ, ମାନସିକ ରୋଗ ବିଭାଗରେ ୨ ଜଣ, ଚକ୍ଷୁ ବିଭାଗରେ ୩ ଜଣ, ଭେଷଜ, ଅସ୍ଥିଶଲ୍ୟ, ସ୍ନାୟୁ, ରେଡିଓଲୋଜି ଆଦି ବିଭାଗରେ ଜଣେ ଲେଖାଏଁ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି । ଚଳିତ ମାସ ୬ ତାରିଖରେ ସାକ୍ଷାତକାର ପାଇଁ ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

*Desk*

## ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ

ଗୋଦାବରୀଶ ବିଦ୍ୟାର୍ଥୀ ପ୍ରୋତ୍ସାହନ ଯୋଜନା ପୋର୍ଟାଲ୍‌ରେ ଆବେଦନ କରିବାର ସମୟସୀମା ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆବେଦନ କରି ନ ଥିବା ଯୋଗ୍ୟ ହିତାଧିକାରୀଙ୍କପାଇଁ ଗତ ୨୪ ତାରିଖରୁ ଏହି ପୋର୍ଟାଲ୍ ପୁନର୍ବାର କାର୍ଯ୍ୟକ୍ଷମ ହୋଇଛି । ଯୋଜନା ଅଧୀନରେ ଯୋଗ୍ୟ ହିତାଧିକାରୀଙ୍କୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

*Desk*

## ପାଣିପାଗ

ରାଜ୍ୟରେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ଶୁକ୍ରବାରଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନକୁହୁଡ଼ି ହେବା ନେଇ ଜଗତସିଂହପୁର ଓ ଭଦ୍ରକ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି।

********************************